**CLASS: IV**

**SUBJECT : ଓଡ଼ିଆ**

**CHAPTER NAME : ମାଟି ଗଲା ବିଗିଡି**

**SUBTOPIC : ଲେଖକ ପରିଚୟ , ବିଷୟ ବ୍ୟାଖ୍ୟା , କଠିନ ଶବ୍ଦ**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024



# ଡଃ ନରେନ୍ଦ୍ର ପ୍ରସାଦ ଦାସ

ODM EDUCATIONAL GROUP
Changing your Tomorrow

- ଡଃ ନରେନ୍ଦ୍ର ପ୍ରସାଦ ଦାସ ଜାଣେ କୃଷି ବିଜ୍ଞାନୀ ଓ ସୁଲେଖକ । ଆମ କୃଷି ସମସ୍ୟା ଉପରେ ସେ ଅନେକ ଜାଣିବା କଥା ଲେଖିଛନ୍ତି । କୃଷି ବିଷୟରେ ଅନେକ ଜାଣିବା କଥା ଓ କୃଷିକୁ ଉନ୍ନତି କରିବା ପାଇଁ ଅନେକ ପରାମର୍ଶ ତାଙ୍କ ଲେଖାରେ ଥାଏ । ବହୁ କଠିନ ବିଜ୍ଞାନ କଥାକୁ ସେ ଲୋକପ୍ରିୟ ଢଙ୍ଗରେ ଲେଖିଛନ୍ତି ।

8BUKIN

ODM EDUCATIONAL GROUP
Changing your Tomorrow

# ମାଟିଗଲା ବିଗିଡ଼ି

ଡ. ନରେନ୍ଦ୍ର ପ୍ରସାଦ ଦାସ

ବାପ୍ପୁ ଓ ଦୀପ୍ପୁ ଦୁଇ ଭାଇ । ବାପ୍ପୁ ବଡ଼, ଦୀପ୍ପୁ ସାନ । ଦୁହେଁ ଗାଁ ସ୍କୁଲ୍‌ରେ ପାଠ ପଢ଼ନ୍ତି । ସେ ଦୁହେଁ ଥରେ ଛୁଟିରେ ତାଙ୍କ ମଉସାଙ୍କ ଘରକୁ ବୁଲି ଯାଇଥିଲେ । ମଉସାଙ୍କ ଘର ଏକ ନଈକୂଳିଆ ମଫସଲ ଗାଆଁରେ। ମଉସାଙ୍କ ବାପା ଥିଲେ ଜଣେ ପାକଲାବୁଢ଼ା । ବୟସ ପ୍ରାୟ ଅଶୀ ହେବ । ଏତେ ବୟସରେ ବି ସେ ଟାଣ ଅଛନ୍ତି । ଦାନ୍ତ କେତୋଟି ପଡ଼ିଯାଇଥିଲେ ବି ଆଉ ଯେଉଁ କେତୋଟି ଅଛି, ସେଗୁଡ଼ିକ ବେଶ୍ ମଜବୁତ୍ ଅଛି । ଏବେ ବି ସେଥିରେ ସେ ମକା, କାକୁଡ଼ି ଓ ପିଜୁଳି ଚୋବେଇ ଖାଆନ୍ତି । ଚଷମା ନ ଲଗାଇ ବହି, ଖବରକାଗଜ ପଢ଼ିପାରନ୍ତି । ବାପ୍ପୁ, ଦୀପ୍ପୁ ତାଙ୍କୁ ଅଜା ବୋଲି ଡାକନ୍ତି ।

ମଉସାଙ୍କ ଘର ପଛପଟେ ଗୋଟିଏ ବଡ଼ ବଗିଚା । ସେଇ ବଗିଚାରେ କେତେ ଜାତିର ଫୁଲଗଛ ଫଳଗଛ ଲଗାଯାଇଛି । ବରଷର ବାରମାସ ସେଠାରେ ନାନା ପ୍ରକାର ପନିପରିବା ମଧ୍ୟ ଚାଷ କରାଯାଏ। ସେଦିନ ସକାଳେ ବାପ୍ପୁ,ଦୀପ୍ପୁ ମଉସାଙ୍କ ଘରେ ପହଞ୍ଚିଲା ବେଳକୁ ଦେଖିଲେ ଅଜା ତାଙ୍କ ବଗିଚାରେ କାମ କରୁଛନ୍ତି । ସେ ମାଟି ହାଣୁଛନ୍ତି, ଘାସ ବାଛୁଛନ୍ତି, ଗଛମୂଳେ ପାଣି ଦେଉଛନ୍ତି । ଭାଇ ଦୁହେଁ ଅଜାଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କଲେ । ଅଜା ପିଲା ଦୁଇଟିଙ୍କୁ ଦେଖି ଖୁସି ହୋଇଗଲେ । ମୁହଁରୁ ଝାଳ ପୋଛି ଗୋଟିଏ ଗଛ ଛାଇରେ ଯାଇ ବସି ପଡ଼ିଲେ । ବାପ୍ପୁ,ଦୀପ୍ପୁଙ୍କର ଭଲମନ୍ଦ ଖବର ସବୁ ପଚାରିଲେ ।

ବାପ୍ପୁ କହିଲା, "ଅଜା, ଆପଣ ଏ ବୟସରେ ଏତେ ପରିଶ୍ରମ କରୁଛନ୍ତି କାହିଁକି ?"



ଅଜା କହିଲେ, "ମୋତେ ଅଳସୁଆ ହୋଇ ଘରେ ବସି ରହିବାକୁ ଭଲ ଲାଗେ ନାହିଁ । ସକାଳେ ସଞ୍ଜେ ଦୁଇଓଳି ଏମିତି ଘଣ୍ଟାଏ ଲେଖାଏଁ ବଗିଚାରେ କାମ କରେ । ତା ଦ୍ୱାରା ଦେହ ଭଲ ରହେ, ମନ ଫୁର୍ତ୍ତି ଲାଗେ । ତା ଛଡ଼ା କିଛି ଫଳ, ଫସଲ ମଧ୍ୟ ଅମଳ କରିହୁଏ ।"

ଦୀପୁ କହିଲା, "ଅଜା, ଆପଣ ଘରେ ବସି କିଛି କାମ କରୁ ନାହାନ୍ତି । ଏ ଧୂଳି ମାଟିରେ କାହିଁକି ଘାଣ୍ଟି ହେଉଛନ୍ତି ?



# କଠିନ ଶବ୍ଦ

- ପାକଲା ବୁଢ଼ା -ଖୁବ୍ ବୁଢ଼ା
- ଫୁର୍ତ୍ତି -ଚଞ୍ଚଳ
- ପାକୁଆ -ଦାନ୍ତ ନ ଥିବା
- ଉର୍ବର -ସାର ଯୁକ୍ତ
- ସ୍ୱାଭାବ –ପ୍ରକୃତି
- କୃତ୍ରିମ -ମଣିଷ ତିଆରି
- ଦମ୍ଭ-ମଜଭୁତ –ଦମ୍ଭ
- ଅନିଷ୍ଟ-ଖରାପ

# THANKING YOU

# ODM EDUCATIONAL GROUP